ସକାଳ
THE SAKALA



www.sakalaepaper.com

# ଅସହ୍ୟ ଗୁଳୁଗୁଳି ବେଳେ ବିଦ୍ୟୁତ୍ କାଟ୍; ଜନଜୀବନ ଅସ୍ତବ୍ୟସ୍ତ

**କଣାସ,୨୩।୫(ସମିସ):** ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ କୌଣସି ଜାଗାରେ ବିଦ୍ୟୁତ୍ କାଟ୍ କରାଯିବ ନାହିଁ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ କଣାସ ବ୍ଲକ୍‌ରେ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଯାହାଦ୍ୱାରା କି ଲୋକମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ୮ ଦିନ ହେଲା ରୌଦ୍ରତାପ ବୃଦ୍ଧି ଅସହ୍ୟ ଗୁଳୁଗୁଳି ଏବଂ ଜଳର ଅଭାବ ଯୋଗୁଁ କଣାସ ବ୍ଲକ୍‌ର ପ୍ରତି ଗ୍ରାମର ଜନସାଧାରଣ ଛଟପଟ ହେଉଛନ୍ତି। ବୁଧବାର ରାତି ୧୦ଟାରୁ ୨ଟା ୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରାଯାଇଥିଲା। ଗୁରୁବାର ମଧ୍ୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ଦୁଇ ତିନି ଥରରେ ବିଦ୍ୟୁତ୍ କାଟ୍ କରାଯିବା ଦ୍ୱାରା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ଖୋର୍ଦ୍ଧା ଗ୍ରୀଡ୍‌ରୁ ଓଭରଲୋଡ୍ ପାଇଁ ବାରମ୍ବାର ବିଦ୍ୟୁତ୍ କାଟି ଦେଉଛନ୍ତି। ବୁଧବାର ରାତିରେ ତିରିମଲଠାରେ ବିଦ୍ୟୁତ୍ ତାର ଛିଡ଼ିପଡ଼ିଥିବାରୁ ସଜାଡ଼ିବାକୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଯାହାଦ୍ୱାରା କି କଣାସ ଅଞ୍ଚଳ ଅନ୍ଧାରରେ ରହିଥିଲା। ଖୋର୍ଦ୍ଧା ବିଦ୍ୟୁତ୍ ଗ୍ରୀଡ୍‌ରୁ କଣାସକୁ ୪୫ କି.ମି. ଜଙ୍ଗଲ ରାସ୍ତା ଦେଇ ବିଦ୍ୟୁତ୍ ଆସିଥିବାରୁ ବାରମ୍ବାର ତାର ଛିଡ଼ିପଡ଼ିବା, ବଜ୍ରପାତ ସମୟରେ ଇନ୍‌ସୁ୍ୟଲେଟରଗୁଡ଼ିକ ଫାଟିଯିବା ଦ୍ୱାରା ଘଣ୍ଟା ଘଣ୍ଟା ଧରି ଫାଟିଥିବା ଇନ୍‌ସୁ୍ୟଲେଟରର ସ୍ଥାନ ଚିହ୍ନଟ କରିବାକୁ ପଡୁଥିବାରୁ ଅନେକ ସମୟ ବିଦ୍ୟୁତ୍ ବନ୍ଦ ରହୁଛି। କଣାସଠାରୁ ମାତ୍ର ୧୦ କି.ମି. ଦୂର ଜଳିଆପଡ଼ା ବିଦ୍ୟୁତ୍ ସବ୍‌ଷ୍ଟେସନ ସହିତ ବିଦ୍ୟୁତ୍ ସଂଯୋଗ କରାଗଲେ କଣାସ ଅଞ୍ଚଳ ବିଦ୍ୟୁତ୍ ସମସ୍ୟା ଦୂର ହୋଇପାରିବ ବୋଲି ଯନ୍ତ୍ରୀ ଶ୍ରୀ ଜେନା କୁହନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଢୁଛି ଗ୍ରୀଷ୍ମପ୍ରବାହ

# ଦାଉସାଧୁଛି ଅଘୋଷିତ ବିଦ୍ୟୁତ୍ କାଟ୍

**ବ୍ରହ୍ମଗିରି,୨୩।୫(ସମିସ)**



ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବଢ଼ି ଚାଲିଛି। ମଣିଷ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀ ଜଗତ ତ୍ରାହିତ୍ରାହି ଡାକୁଛନ୍ତି। ଏହି ସମୟରେ ବାରମ୍ବାର ଅଘୋଷିତ ବିଜୁଳି କାଟ୍ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିନରାତି ଯେତେବେଳେ ପାରିଲେ ବିଦ୍ୟୁତ୍ କାଟ୍ କରିବା ଯୋଗୁଁ ଉପଭୋକ୍ତାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଆସିବା ପୂର୍ବରୁ ଓ ପରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି କୌଣସି କାରଣ ନ ଥାଇ ବି ବିଜୁଳି କାଟି ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ବି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏଥିଯୋଗୁଁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେପଟେ ଗ୍ରୀଷ୍ମ ଋତୁରେ ଅଧିକ ପରିମାଣରେ ବିଦ୍ୟୁତ୍ ବ୍ୟବହାର ହେଉଥିବା ବେଳେ ରକ୍ଷଣାବେକ୍ଷଣ ଓ ମରାମତି ନାଁରେ ଘଣ୍ଟାଘଣ୍ଟା ବିଜୁଳି କାଟି ଲୋକଙ୍କୁ ଯନ୍ତ୍ରଣା ଦେଉଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ସେପଟେ ରାଜ୍ୟ ସରକାର ବିନା କାରଣରେ ବିଜୁଳି କାଟିବାକୁ ମନା କରିଥିବାବେଳେ ଏହି ସରକାରୀ ନିର୍ଦ୍ଦେଶକୁ ବିଦ୍ୟୁତ୍ ଯନ୍ତ୍ରୀ ମାନୁନାହାନ୍ତି। ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବାବେଳେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ଥିବା ସମୟରେ ବିଦ୍ୟୁତ୍ କାଟ ଜନଜୀବନକୁ ଅତିଷ୍ଠ କରିପକାଉଛି। ଟାଟା ପାୱାର ପକ୍ଷରୁ ଜାରି ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କଲେ ଅଭିଯୋଗ ପଞ୍ଜୀକରଣ ବଦଳରେ ଲୋକଙ୍କୁ ବହୁ ସମୟଧରି ଲାଇନ୍‌ରେ ରହିଲେ ମଧ୍ୟ କିଛି ଉତ୍ତର ମିଳୁନାହିଁ। ଯଦିବା ଲାଗୁଛି ଲାଇନ୍‌ରେ ରହିବାକୁ ଅନୁରୋଧ କରି ୨ମିନିଟ ଟେଲିଫୋନ୍ ଆପେ କଟିଯାଉଛି। ଅନ୍ୟପକ୍ଷରେ ଟିପିସିଓଡିଏଲ୍‌ର ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ଅସୁବିଧା ବିଷୟରେ ଲୋକମାନେ ଜଣାଇଲେ ସମସ୍ୟାର ସମାଧାନ ତୁରନ୍ତ ହୋଇଯିବ ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ଏହି ସମସ୍ୟା ଦୂର ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି।

# ମଙ୍ଗଳା ମନ୍ଦିର ହୁଣ୍ଡି ଟେକିନେବା ଘଟଣାରେ ୩ ଗିରଫ

**ବ୍ରହ୍ମଗିରି,୨୧।୫(ସମିସ):** ଗତ ବୁଧବାର ବିଳମ୍ବିତ ରାତିରେ ମା’ ମଙ୍ଗଳା ମନ୍ଦିର ହୁଣ୍ଡି ଟେକିନେଇ ଯାଇଥିଲେ ଲୁଟେରା। ଗ୍ରାମର କିଛି ଦୂରରେ ଭଙ୍ଗା ହୋଇ ଦାନ ବାକ୍ସ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ତରମାଳ ଗ୍ରାମର ସଭାପତି ଅଭୟ କୁମାର ସାହୁ ଓ ଗ୍ରାମ୍ୟ କମିଟି ଲିଖିତ ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ କରୁଥିଲା। ଘଟଣାସ୍ଥଳରେ ବ୍ରହ୍ମଗିରି ଥାନା ପୁଲିସ୍‌ର ଛାନଭିନ୍ କରିଥିଲା। ଆଜି ବ୍ରହ୍ମଗିରି ପୁଲିସ ଆସାମୀଙ୍କୁ ଧରିବାରେ ସଫଳତା ମିଳିଛି। ସେମାନେ ହେଲେ ତରମାଳ ଗ୍ରାମର ସମ୍ବିତ ଅଧିକାରୀ (୨୫), ରଘୁନାଥ ସାହୁ (୩୦) ଓ କୃପାସିନ୍ଧୁ ସାହୁ (୨୫)। ଏମାନଙ୍କୁ ପୁଲିସ ବାନ୍ଧିଛି। ସୂଚନା ଥାଉକି ବ୍ରହ୍ମଗିରି ଥାନା ଅନ୍ତର୍ଗତ ତରମାଳ ଗ୍ରାମ ମୁଣ୍ଡରେ ଥିବା ମଙ୍ଗଳା ମନ୍ଦିରରୁ ଦାନ ବାକ୍ସ ଲୁଟ୍ ହୋଇଥିଲା। ଲୁଟେରାମାନେ



ଦାନ ବାକ୍ସଟିକୁ ଟେକିନେଇ ସେହିଠାରୁ ୫ କିଲୋମିଟର ସାହୁପଡ଼ା ମୌଜାରେ ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ମନ୍ଦିରର ପୂଜକ ଦୁର୍ଯ୍ୟୋଧନ ସାହୁ ସୂଚନା ଦେଇ କହିଛନ୍ତି ଯେ ମୁଁ ବୁଧବାର ବିଳମ୍ବିତ ରାତିରେ ମନ୍ଦିର ଚାବି ଦେଇ ଶୋଇବାକୁ ଯାଇଥିଲି। ରାତ୍ରି ପ୍ରାୟ ୩ ଟା ସମୟରେ ଉଠିବା ବେଳକୁ ଦେଖିଲି ମୋ ଶୋଇଥିବା ଘରର କବାଟ ତାଲା ପଡ଼ିଛି। ପାଟିକରି ଡାକିବାରୁ ଗ୍ରାମର କିଛି ମହିଳା ଆସି କବାଟ ଖୋଲିଥିଲେ। ପରେ ଦେଖିଲି ମାଙ୍କ ଦାନବାକ୍ସ ନାହିଁ। ଦାନବାକ୍ସ ଚୋରି କଥାଟି ଗ୍ରାମ ସାରା ପ୍ରଘଟ ହୋଇଯାଇଥିଲା। ଗ୍ରାମବାସୀ ପ୍ରଥମେ ବ୍ରହ୍ମଗିରି ପୁଲିସକୁ ଖବର ଦେଇଥିଲେ। କିଛି ସମୟ ପରେ ଦାନ ବାକ୍ସଟି ସାହୁପଡ଼ା ମୌଜାରେ ପଡ଼ିଥିବା ଖବର ମିଳିଥିଲା। ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ଓ ଗ୍ରାମବାସୀ ପହଞ୍ଚି ଦେଖିବାକୁ ପାଇଥିଲେ ଯେ ଦାନବାକ୍ସଟି ଭାଙ୍ଗି ଅଭିଯୁକ୍ତମାନେ ଟଙ୍କା ସବୁ ନେଇଯାଇଛନ୍ତି। ଦାନବକ୍ସଟି ପ୍ରାୟ ଦୁଇବର୍ଷ ହେବ ଖୋଲା ଯାଇ ନ ଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ବ୍ରହ୍ମଗିରି ପୁଲିସ ଖୁବ ଶୀଘ୍ର ବିଭିନ୍ନ ସ୍ଥାନରେ ଛଡ଼ଉ କରି ଲୁଟେରାଙ୍କୁ ଧରାଯିବ ବୋଲି ପୁଲିସ କହିଥିଲା।

## ଜାତୀୟରାଜପଥଅଣ୍ଡରପାସ ପାଲଟିଛି ମରଣଯନ୍ତା

# ଟ୍ରାଫିକ୍ ସିଗନାଲ୍ ଓ ହମ୍ପସ୍ ନିର୍ମାଣ ଦାବି

**ନିରାକାରପୁର,୨୩।୫(ସମିସ):** ଅତ୍ୟଧିକ ଯାନବାହନ ଚଳାଚଳ ବୃଦ୍ଧି ଓ ଯାତାୟାତ ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୧୬ ନଂ ଜାତୀୟ ରାଜପଥକୁ ୬ ଥାକିଆ (୬ ଲେନ୍) ବିଶିଷ୍ଟ କରାଯିବା ସହ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପ୍ରମୁଖ ଛକ ଜାଗା ମାନଙ୍କରେ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଯାନବାହନ ଗୁଡ଼ିକର ସୁଗମ ଓ ଦୁର୍ଘଟଣାମୁକ୍ତ ଯାତ୍ରା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲେ ହେଁ, ବର୍ତ୍ତମାନ ଏହା ସ୍ଥାନୀୟ ଲୋକଙ୍କ ପାଇଁ ସୁରକ୍ଷିତ ବଦଳରେ ଅଧିକ ବିପଦଜନକ ସାବ୍ୟସ୍ତ ହେଉଛି।ଓଭରବ୍ରିଜ୍ ନିର୍ମାଣ ପରେ ଲୋକେ ନିଜ ନିଜ ଗାଡ଼ିମଟର ନେଇ ଓଭରବ୍ରିଜ୍ ତଳ (ଅଣ୍ଡରପାସ୍) ଦେଇ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାତାୟାତ କରୁଛନ୍ତି। ମାତ୍ର ଏହି ଅଣ୍ଡରପାସ ଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ରାସ୍ତାର ଉଭୟ



ପାର୍ଶ୍ୱରୁ ଯାନବାହନ ଗୁଡ଼ିକ ଏକାସଙ୍ଗେ ଓ ବେପରୁଆ ଭାବେ ଯାତାୟାତ କରୁଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଏହା ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଜୀବନ ପ୍ରତି ବଡ଼ ଆଶଙ୍କା ସୃଷ୍ଟି କରିଛି।ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ଅଣ୍ଡରପାସରେ ଯାନବାହନ ଚଳାଚଳକୁ ନିୟନ୍ତ୍ରିତ କରିବା ପାଇଁ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା କରାଯାଉ। ଏହା ସହିତ ଓଭରବ୍ରିଜ୍‌ର ଦୁଇ ପାର୍ଶ୍ୱରେ ଥିବା ସର୍ଭିସ ରୋଡ୍‌ର ଉଭୟ ପାର୍ଶ୍ୱରେ ଯାନବାହନ ଗୁଡ଼ିକ ଯେପରି ଧୀରେ ଅତିକ୍ରମ କରିବେ, ସେଥିପାଇଁ ହମ୍ପସ (ସ୍ପିଡ୍ ବ୍ରେକର) ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଜୋରଦାର ଦାବି କରିଛନ୍ତି।ଯଦି ସମୟ ଥାଉ ଥାଉ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଆନଯାଏ, ତେବେ ଆଗକୁ କୌଣସି ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ନିବେଦନ କରାଯାଇଛି।

# ନାଟ୍ୟ ନିର୍ଦ୍ଦେଶକଙ୍କ ଜୟନ୍ତୀ ପାଳିତ



**କଣାସ,୨୩।୫(ସମିସ):** କଣାସ ବ୍ଲକ୍ କଣାସ ଗ୍ରାମ ପଞ୍ଚାୟତର କଣାସ ଗ୍ରାମରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜାଙ୍କ ଅଧ୍ୟକ୍ଷତାରେ ନାଟ୍ୟ ଗୌରବ ବଡ଼ାସ ଗ୍ରାମପଞ୍ଚାୟତର ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଭୂତିଭୂଷଣ ପଟ୍ଟନାୟକଙ୍କ ୮୫ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ବଂଶୀଧର ଜଗଦେବ, ମୁଖ୍ୟ ବକ୍ତାଭାବେ କଥାକାର ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସମ୍ମାନିତ ଅତିଥିଭାବେ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଡ. ହେମନ୍ତ କୁମାର ଛୋଟରାୟ, ବୀରେନ୍ଦ୍ର ମହାନ୍ତି, ବିପିନ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ସୂର୍ଯ୍ୟ ମିଶ୍ର, ଔପନାସିକ କ୍ଷୀରୋଦ ଦାସ, ଯୁଗଳ କିଶୋର ସାହୁ, ଡ. ଆଦିତ୍ୟ ପ୍ରସାଦ ପାଢ଼ୀ, ଭଗବାନ ବାରିକଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବୈଦ୍ୟନାଥ ପାଟଣାର ସଭାପତି ଲକ୍ଷ୍ମୀଧର ପାଢ଼ୀ ସ୍ୱାଗତ ଭାଷଣ ଓ ସମ୍ପାଦକ ଆଇନଜୀବୀ ବିଶ୍ୱନାଥ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସର୍ବଶେଷରେ ପୂର୍ବତନ ଅଧ୍ୟକ୍ଷ ସୁଶୀଳ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ଚମ୍ପତି, ଐତିହାସିକ କୃପାସିନ୍ଧୁ ବିଶ୍ୱାଳ, ଗୌତମ ପ୍ରଧାନ, ପରୀକ୍ଷିତ ବଡ଼ଜେନା, ଲିଙ୍ଗରାଜ ପରିଡ଼ା ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନିମାପଡ଼ା-ଗୋପ ସିଭିଲ୍ ସୋସାଇଟିର ବୈଠକ ଓ କର୍ମକର୍ତ୍ତା ଚୟନ

**ଚାରିଛକ,୨୩।୫(ସମିସ):** ଚାରିଛକ ନିକଟସ୍ଥ ଦିଘାଲୋ ମନସାକାନନ ପରିସରରେ ବୁଧବାର ନିମାପଡ଼ା-ଗୋପ ସିଭିଲ୍ ସୋସାଇଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଇନଜୀବୀ ସୁଧିର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଓ ବ୍ୟବସାୟୀ ଯୋଗଦେଇ ନିମାପଡ଼ା-ଗୋପର ବିକାଶ ପାଇଁ ସ୍ୱର ଉଠାଇବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହଯୋଗ କାମନା କରିଥିଲେ। ନିମାପଡ଼ା ଗୋପ ସିଭିଲ୍ ସୋସାଇଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି, ଉପ ସଭାପତି ଭାବେ ଅକ୍ଷୟ କୁମାର ନାୟକ, ସାଧାରଣ ସମ୍ପାଦକ ଭାବେ ଶିକ୍ଷାବିତ୍ ନିରଦ ବରଣ ଖୁଣ୍ଟିଆ, ସହସମ୍ପାଦକ ଭାବେ ସୁଧିର କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ମହାନ୍ତି, ମହିଳା ଶାଖା ସଭାପତି ଭାବେ ମିନାକ୍ଷୀ ପୃଷ୍ଟି, ସଂଗଠନ ସମ୍ପାଦକ ଡ. କେଦାରନାଥ ସାହୁ, ସାଂସ୍କୃତିକ ସମ୍ପାଦକ ସଂଗ୍ରାମ କେଶରୀ ଭୋଳ, କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ଲୋକନାଥ



ସାହୁ, ଦିଗମ୍ବର ନାୟକ, ବିଦ୍ୟାଧର ପାତ୍ର, ଜଟାଧାରୀ ବେହେରା, ବିବେକାନନ୍ଦ ପାତ୍ର, ରାଜ କିଶୋର ମହାନ୍ତି, ଉପଦେଷ୍ଟା ଭାବେ ଶିକ୍ଷାବିତ୍ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ପ୍ରଫେସର ଗୋପୀନାଥ କର, ଶିକ୍ଷାବିତ୍ ଲକ୍ଷ୍ମୀଧର ପଣ୍ଡା, ଅବସରପ୍ରାପ୍ତ ଏସ୍‌ପି ମାଧବ ଚନ୍ଦ୍ର ସାହୁ, ଲେଫ୍ଟନାଣ୍ଟ କର୍ଣ୍ଣେଲ ରାଖାଲ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, ଡ. ବଂଶୀଧର ଷଡ଼ଙ୍ଗୀ, ଡ. ପ୍ରଭାତ କୁମାର ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ। ନିମାପଡ଼ା-ଗୋପ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ଆସନ୍ତା ଉତ୍କର୍ଷ ନିମାପଡ଼ା ୩ରୁ ୫ ତାରିଖରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି।

# ଦେଶୀ ଓ ବିଦେଶୀ ମଦ ଜବତ; ୨ଗିରଫ

**ଡେଲାଙ୍ଗ,୨୩।୫(ସମିସ):** ଡେଲାଙ୍ଗ ଅଞ୍ଚଳରେ ବେଆଇନ୍ ନିଶା କାରବାର ରୋକିବା ପାଇଁ ସ୍ଥାନୀୟ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛି। ଶନିବାର ବେଆଇନ୍ ନିଶାକାର କରିବା ନେଇ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ସେମାନେ ହେଲେ ଯମୁନା ଝାରପଡ଼ା ଅଞ୍ଚଳର ତ୍ରିଲୋଚନ ଭୂୟାଁ (୩୬)ଓ ରମେଶ ଚନ୍ଦ୍ର ପରିଡା(୩୮)। ମିଳିଥିବା ସୂଚନା ଅନୁଯାୟୀ ବେଆଇନ୍ ନିଶାକାର ନେଇ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିକଟରେ ଖବର ପହଂଚିଥିଲା। ଶ୍ରୀ ସେଠୀ ଓ ପୁଲିସ ଟିମ୍‌କୁ ନେଇ ଯମୁନା ଝାରପଡ଼ାର କାଜୁ ଜଙ୍ଗଲ ନିକଟରେ ଚଢାଉ କରିଥିଲେ। ସେଠାରେ ତ୍ରିଲୋଚନ ଏକ ବ୍ୟାଗରେ ଦେଶୀ ଓ ବିଦେଶୀ ମଦ ରଖି ବେଆଇନ୍ ଭାବେ ବିକ୍ରୟ କରୁଥିବା ବେଳେ ପୁଲିସ ଟିମ୍ ତାଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ୧୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ଥିଲା। ସେହିପରି ଜଗଦଳପୁର ଗ୍ରାମର ରମେଶ ତାଙ୍କ ଘର ବାଡିପଟେ ବିଦେଶୀ ମଦ ବିକ୍ରୟ କରୁଥିବା ବେଳେ ତାଙ୍କ ଠାରୁ ୭ଲିଟର ୬୦୦ ମିଲି ମଦ ଜବତ କରାଯାଇଥିଲା। ଏନେଇ ଡେଲାଙ୍ଗ ଥାନାରେ ୧୪୪/୨୬ ଓ ୧୪୫/୨୬ରେ ଦୁଇଟି ମାମଲା ରୁଜୁ କରାଯାଇ କୋର୍ଟ ପଠାଯାଇଥିବା ଡେଲାଙ୍ଗ ଥାନା ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଉଭୟଙ୍କ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି।

# ଉତ୍କର୍ଷ ନିମାପଡ଼ା ୨.୦ ପାଇଁ ଗଣମାଧ୍ୟମ ଓ ସାମ୍ବାଦିକ ପରାମର୍ଶ କର୍ମଶାଳା



**ନିମାପଡ଼ା,୨୩।୫(ସମିସ):** ସ୍ଥାନୀୟ ଟାଉନ ହଲ୍ ପରିସରରେ ଶନିବାର ଅପରାହ୍ଣରେ ଗଣମାଧ୍ୟମ ଓ ସାମ୍ବାଦିକ ପରାମର୍ଶକର୍ମଶାଳାଅନୁଷ୍ଠିତହୋଇଯାଇଛି। ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ତହସିଲଦାର ଡ. ମନୋଜ କୁମାର ନାୟକ, ଡିଆଇପିଆର୍‌ଓ ସନ୍ତୋଷ କୁମାର ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଏବିଡ଼ିଓ ପ୍ରିୟଦର୍ଶନୀ ବରାଳ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଯତୀନ୍ଦ୍ର ସ୍ୱାଇଁ, ଯୁବନେତା ସାଇପ୍ରୀତମ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉତ୍କର୍ଷ ନିମାପଡା ୨.୦ ସଶକ୍ତ, ସମୃଦ୍ଧ ଓ ବିକଶିତ ନିମାପଡ଼ା ଉପରେ ଆଲୋଚନା କରିଥିଲେ। ଗତ ଦୁଇବର୍ଷ ମଧ୍ୟରେ ନିମାପଡ଼ାର କ’ଣ ବିକାଶ ହୋଇଛି, ଆଉ କ’ଣ ବାକି ଅଛି ସେ ବିଷୟରେ ଗଣମାଧ୍ୟମ ସହ ଆଲୋଚନା କରାଯାଇଥିଲା। ନିମାପଡ଼ା ନିର୍ବାଚନ ମଣ୍ଡଳୀକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ସମସ୍ତ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ୩ ତାରିଖ ୪ ତାରିଖରେ ହେବାକୁ ଥିବା ଉତ୍କର୍ଷ ନିମାପଡାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ

**ନୟାହାଟ,୨୩।୫(ସମିସ)**

ନୟାହାଟ-ଶିଖରଘାଟ ରାସ୍ତା ନିର୍ମାଣ ଦାବିରେ ଶନିବାର ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ନୟାହାଟର ଧୂମାଳ ଗଳିଠାରେ ରାସ୍ତାରୋକ କରାଯାଇଥିଲା। ସକାଳ ୯ ଟାରୁ ୧୦ ଟା ପର୍ଯ୍ୟନ୍ତ ଧୂମାଳ ପଞ୍ଚାୟତବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ଅଭିମନ୍ୟୁ ସିଂହଙ୍କ ନେତୃତ୍ୱରେ ଏହି ରାସ୍ତା ରୋକ କରିଥିଲେ। ଏଥିରେ ସମିତି ସଭ୍ୟାଙ୍କ ପ୍ରତିନିଧି ସହଦେବ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ସାମାଜିକ କର୍ମୀ ମହମ୍ମଦ ସମ୍ଶୁଲ ଆରଫିଁନ୍, ସଭାପତି ଦିଲ୍ଲୀପ ରାୟ, ସାମାଜିକ କର୍ମୀ ଏସ୍‌କେ ଶିକନ, ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ



କୁମାର ସାହୁ, ସନ୍ତୋଷ ବେହେରା ପ୍ରମୁଖ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ରାସ୍ତା ଅବରୋଧ କରି ବସିଥିବା ବେଳେ ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗା ଚରଣ ମହାପାତ୍ର, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଳିକ ପ୍ରମୁଖ ଫୋର୍ସ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏକ ଘଣ୍ଟା ଧରି କଟକ-ଭୁବନେଶ୍ୱର ଓ କାକଟପୁରକୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳକୁ ନ ଆସି ଗୋପ ଥାନା ଆଇଆଇସି ଶ୍ରୀ ମହାପାତ୍ରଙ୍କୁ ଫୋନ୍ ଯୋଗେ ରାସ୍ତା କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଲାପରେ ରାସ୍ତାରୋକ ହଟିଥିଲା। ସୋମବାର ଦିନ ଏକ ପ୍ରତିନିଧି ଦଳ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କୋଣାର୍କଠାରେ ଆଲୋଚନା ପରେ ରାସ୍ତା କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ଷାଦିନ ପୂର୍ବରୁ ରାସ୍ତା କାର୍ଯ୍ୟ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଧୂମାଳ ପଞ୍ଚାୟତବାସୀ କହିଛନ୍ତି।

# ରାତିରେ ନୟାହାଟରେ ଗାଡ଼ି ମୋଟର ଯାଞ୍ଚ

**ନୟାହାଟ,୨୩।୫(ସମିସ):** ପୁରୀ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ଗୋପ ଥାନା ଆଇଆଇସି ଦୂର୍ଗା ଚରଣ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ବୁଧବାର ରାତିରେ ଯୋଗେଶ୍ୱରପୁର ଓ ନୟାହଟ ବଜାରରେ ବାଲି, ମାଟି ଗାଡ଼ି, ବାଇକ୍ ଓ କାର୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଛନ୍ତି। ଏହା ସହିତ ହେଲ୍‌ମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ତାଗିଦ୍ କରିଥିଲେ। ପୁଲିସର ଏଭଳି ପଦକ୍ଷେପ ଯୋଗୁଁ ଅପରାଧୀମାନଙ୍କ ମନରେ ଭୟ ସୃଷ୍ଟି କରିବା ସହିତ ରାତି ପାହିବା ପର୍ଯ୍ୟନ୍ତ ଗାଡ଼ି ଯାଞ୍ଚ ହେବ ବୋଲି ଆଇଆଇସି ଶ୍ରୀ ମହାପାତ୍ର ଜଣାଇଛନ୍ତି।

**ଅତିଷ୍ଠ କଲାଣି ବିଜୁଳି ବିଭ୍ରାଟ**

# କାମରେ ଆସୁନି ବ୍ୟାକ୍‌ଫିଡ୍ ଲାଇନ

**ଭାପୁର, ୨୩।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ବିଜୁଳି ବିଭ୍ରାଟ ଓ ଲୋ ଭୋଲଟେଜ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। କେଉଁଠି ବିଦ୍ୟୁତ ଯୋଗାଣ ଦିନଦିନଧରିହୋଇପାରୁନାହିଁତକେଉଁଠିଲୋ ଭୋଲଟେଜ ଯୋଗୁଁ ପଙ୍ଖା ବୁଲୁନାହିଁ। ଏପରିକି ଥରେ ଥରେ ବିଦ୍ୟୁତ ଯୋଗାଣ ୧୦୦ ୱାଟରୁ କମିଯାଉଛି। ବିଦ୍ୟୁତ ଏକ ଅତ୍ୟାବଶ୍ୟକୀ ସେବା ହୋଇଥିବା ବେଳେ ସରକାର ଏହାକୁ ଠିକଭାବେ ଜନସାଧାରଣଙ୍କୁ ଯୋଗାଇ ପାରୁନାହାନ୍ତି। ଓଡ଼ିଶା ଭଳି ଏକ ବିଜୁଳି ବଳକା ରାଜ୍ୟରେ ଏପରି ବିଜୁଳି ଅଭାବ ଯୋଗୁଁ ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପରେ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ଭାପୁର ବିଦ୍ୟୁତ ସେକ୍ସନରେ କର୍ମଚାରୀ ଅଭାବ ଏକ ସବୁଦିନିଆ ଘଟଣା। ବର୍ତ୍ତମାନ ଭାପୁର ବ୍ଲକ ସହ ବୋଲଗଡ଼ ବ୍ଲକର କିଛି ଗ୍ରାମକୁ ମିଶାଇ ୩୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଅଛନ୍ତି। ଭାପୁରଠାରେ ବର୍ତ୍ତମାନ ଦୁଇଟି ସେକସନ ରହିଛି ଏଠାରେ ଆଉ ଗୋଟିଏ ସେକସନ ଅଫିସ ଖୋଲିବା ସହ ଏଠାରେ ଏକ ସବ ଡିଭିଜନ ଅଫିସ ଖୋଲିବାକୁ ବାରମ୍ବାର ଦାବୀ ହେଉଥିଲେ ହେ ଟାଟା ପାୱାର ଏଥିପ୍ରତି ସାମାନ୍ୟତମ ଗୁରୁତ୍ୱ ଦେଉ ନାହିଁ। ଅଧିକ ସେକସନ ଖୋଲାଗଲେ କର୍ମଚାରୀ ସଖ୍ୟା ବଢ଼ିବା ସହ ବିଦ୍ୟୁତ ଯୋଗାଣ ଭିତ୍ତିଭୂମି ସୁଦୃଢ ହୋଇପାରନ୍ତା। ଅନେକ ଗାଁରେ ରାତିରେ ଇଲେଟ୍ରି ବଲ ଜଳିଲେ ମଧ ଲୋଭୋଲଟେଜ ଯୋଗୁଁ ବହି ପଢ଼ିବା ସମ୍ଭବ ହୋଇ ପାରୁନାହିଁ। ଭାପୁର ଓ ଖଣପଡ଼ା ବ୍ଲକରେ ବିଦ୍ୟୁତ ଭିତ୍ତିଭୂମି ଉନ୍ନତି ପାଇଁ ଦୁଇ ବ୍ଲକ ମଧ ଭାଗରେ ଏକ ଗ୍ରୀଡ କରିବା ପାଇଁ ଦୀର୍ଘ ୧୨/୧୩ବର୍ଷ ହେଲା ଉଦ୍ୟମ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ବର୍ତ୍ତମାନ ବନମାଳିପୁର ପଞ୍ଚାୟତ ବସନ୍ତପୁର ଗ୍ରାମ ଠାରେ ମେଗାୱାଟର ଅଫିସ ନିକଟରେ ଜମି ଚିହ୍ନଟ ହୋଇଥିବାର କୁହାଯାଉଛି। କେବେ ଏହା ସାକାର ହୋଇ ଦୁଇ ବ୍ଲକର ଜନସାଧାରଣଙ୍କୁ ସେବା ଯୋଗାଇବ ତାହା ପ୍ରଶ୍ନ ବାଚୀ ହୋଇ ରହିଛି। ସେହିପରି ଭାପୁର ବ୍ଲକରେ ବିଜୁଳି କଟିଲେ କଟକ ଜିଲ୍ଲା କଳାପଥର ଗ୍ରୀଡରୁ ବ୍ୟାକଫିଡ ମାଧ୍ୟମରେ ବିଦ୍ୟୁତ ଯୋଗାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସ୍ୱତନ୍ତ୍ର ଲାଇନ ଆସିଥିଲେ ହେ ଏହା କେବେ କାର୍ଯ୍ୟକ୍ଷମ ହେବା କେହି ଜାଣି ନାହାଁନ୍ତି। ଏହିପରି ଅବ୍ୟବସ୍ଥା ଲାଗି ରହିଲେ ଭବିଷ୍ୟତରେ ଜନଆନ୍ଦୋଳନ ସୃଷ୍ଟି ହୋଇପାରେ।

**କେବେ ନିର୍ମାଣ ହେବ ବିଦ୍ୟୁତ୍ ଗ୍ରୀଡ୍**

**ଦୀର୍ଘ ସମୟ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ**

# ବିଦ୍ୟୁତ୍ କାର୍ଯ୍ୟାଳୟରେ ହୋହଲ୍ଲା



ନୂଆଗାଁ, ୨୩।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଗତକାଲି ସନ୍ଧ୍ୟାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବାରୁ କ୍ଷୁବ୍ଧ ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ଗରମ ପାଗରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ନ ଥିବାରୁ ଲୋକମାନେ ଅସହ୍ୟ ଗରମରେ ରହିଥିଲେ। ଗତକାଲିଠାରୁ ନୂଆଗାଁ ଓ ପାର୍ଶ୍ୱବର୍ତ୍ତୀ ବହୁ ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ସମସ୍ୟାରେ ଅତିଷ୍ଠ ହୋଇଥିବା ଲୋକମାନେ ସନ୍ଧ୍ୟାରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। କେତେକ ଲୋକ ବିଦ୍ୟୁତ୍ ବିଭାଗର ଅବହେଳା ଓ ମରାମତି କାମର ଧୀର ଗତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ଫୋନ ଉଠାଉ ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଉପଭୋକ୍ତାଙ୍କ କହିବା ଅନୁଯାୟୀ, ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ଲମ୍ବା ସମୟ ଧରି ବିଦ୍ୟୁତ୍ କାଟ ହେବାରୁ ପିଲା, ବୃଦ୍ଧ ଓ ରୋଗୀମାନେ ବହୁତ ଅସୁବିଧାରେ ପଡ଼ୁଛନ୍ତି। ପାଣି ସମସ୍ୟା ସହ ମୋବାଇଲ୍ ଚାର୍ଜିଂ ଓ ଦୈନନ୍ଦିନ କାମ ମଧ ବାଧାପ୍ରାପ୍ତ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଲାଇନରେ ତ୍ରୁଟି ଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା କହିଥିଲେ। ମରାମତି କାମ ଚାଲିଥିବା ସହ ଶୀଘ୍ର ସେବା ସ୍ୱାଭାବିକ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜି ସନ୍ଧ୍ୟା ସୁଦ୍ଧା ସମସ୍ୟା ସମାଧାନ ହୋଇପାରି ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧୁଛି। ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବଜ୍ରପାତ: ୨ ବଖରା ଭସ୍ମୀଭୂତ

**ଦଶପଲ୍ଲା, ୨୩।୫(ସମିସ):** ଅପରାହ୍ନରେ ସ୍ଥାନୀୟ ଘୁଗୁଡ଼ିପଡ଼ା ପଞ୍ଚାୟତ ମର୍ଦ୍ଦାବାଡ଼ି ଗ୍ରାମ ଦଳିତ ବସ୍ତିରେ ବଜ୍ରପାତ ଘଟି ମୁନା ନାୟକ ଓ ସୌଭାଗିନୀ ବେହେରାଙ୍କ ଘରେ ନିଆଁ ଲାଗି ଯାଇଥିଲା। ପରିବାର ସଦସ୍ୟମାନେ ଜୀବନ ବିକଳରେ ବାହାରକୁ ଦୌଡ଼ି ଆସି ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଛନ୍ତି। ନିଆଁ ପ୍ରକୋପରୁ ବିପନ୍ନମାନେ ପିନ୍ଧା ଲୁଗା ବ୍ୟତୀତ କିଛି ବି ଉଦ୍ଧାର କରିପାରି ନାହାନ୍ତି। ଘରେ ଥିବା ସମସ୍ତ ଧାନ ଚାଉଳ, ଆସବାବପତ୍ର ସହ ସୁନାଗହଣା, ୩୦ ହଜାର ଟଙ୍କା ପୋଡ଼ିଯାଇଥିବା ପରିବାର ସୂଚନା ଦେଇଛନ୍ତି। ଦଶପଲ୍ଲାରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଧ୍ୟଖଣ୍ଡ ଫାଣ୍ଡି ପୁଲିସ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

**ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଜେଡିର ସାମ୍ବାଦିକ ସମ୍ମିଳନୀ**

# ସୋମବାର ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରଉ



**ନୟାଗଡ଼, ୨୩।୫(ସମିସ)**

ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ଆସନ୍ତା ୨୫ ତାରିଖ ସୋମବାର ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛି ବିଜୁ ଜନତା ଦଳ (ବିଜେଡି)। ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ଭୟଙ୍କର ପରିସ୍ଥିତି ସମୟରେ ବିଭିନ୍ନ ଆଳ ଦେଖାଉଥିବା ସେ ଅଭିଯୋଗ କରିଛନ୍ତି। ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଟାଟା ପାୱାର ଯେଉଁଳି ଖାମଖିଆଲି ଢଙ୍ଗରେ ବିଜୁଳି ପରିଚାଳନା କରି ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି, ବିଜେଡି ତାହାର ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ପ୍ରତିକାର ପାଇଁ ଦାବି ରଖିଛି।

ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବେ ରାତିଅଧିଆ ଲାଇନ କାଟି ଦେଉଥିବା ଟାଟା ପାୱାର ଯେତେବେଳେ ବିଦ୍ୟୁତ୍ ଶୁଳ୍କ ଆଦାୟରେ ଏକ ଘଣ୍ଟା ବି ବିଳମ୍ବ କରୁନାହିଁ, ସେତିକି ବେଳେ ମରାମତି ଆଳରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ-ଭୋଲଟେଜ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପ୍ୟୁଟର ପୋଡ଼ି ଅଚଳ କରିଦେବା, ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ଶଢ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହେବା, ଅଫିସ କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା, ପୁଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଭଳି ଉପଭୋକ୍ତା-ବିରୋଧୀ ପଦକ୍ଷେପରେ ସାମାନ୍ୟ ହେଳା କରୁନାହିଁ ଟାଟା ପାୱାର। ବିଜେପି ସରକାର ତିନି ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ଘୋଷଣାନାମା ଶୀତଳ ଭଣ୍ଡାରକୁ ଚାଲିଯାଇଛି। ସମଗ୍ର ଜିଲ୍ଲାକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣ ବିଦ୍ୟୁତ୍, ମାତ୍ରାଧିକ ଦେୟ ଆଦାୟ କମାଇବା, କୃଷି କ୍ଷେତ୍ରକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ନୟାଗଡ଼ ବିଧାୟକ ଦାବି ରଖିଛନ୍ତି। ଆସନ୍ତା ୨୫ ତାରିଖ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରଉ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାସ କହଁର, କ୍ଷୀରୋଦ ମହାପାତ୍ର, ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୨୯ରେ ଘେରିବ ଛାତ୍ର କଂଗ୍ରେସ




**ନୟାଗଡ଼, ୨୩।୫(ସମିସ):** ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦିନକୁ ୬ରୁ ୭ ଘଣ୍ଟା ତଥା ୨୦ରୁ ୨୫ ଥର ବିଦ୍ୟୁତ୍ କାଟ କରାଯାଉଛି। ଯାହାକୁ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ଆସନ୍ତା ୨୯ ତାରିଖ ଛାତ୍ର କଂଗ୍ରେସ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛି। ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ଜିଲ୍ଲାର ସମସ୍ତ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଟାଟା ପାୱାରକୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଡ଼ା ନିର୍ଦ୍ଦେଶ ଥାଇ ମଧ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇବାରେ ଟିପିସିଓଡିଏଲ୍ ଅସମର୍ଥ ହୋଇଛି। ଆଗାମୀ ୭ ଦିନ ମଧରେ ଯଦି ବିଦ୍ୟୁତ ବିଭାଗ ପରିସ୍ଥିତି ନ ସୁଧାରେ ତେବେ ନୟାଗଡ଼ ଛାତ୍ର କଂଗ୍ରେସ ତରଫରୁ ୨୯ ତାରିଖ ଶୁକ୍ରବାର ନୟାଗଡ଼ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରାଯିବା ସହ ଅଣ୍ଡା, ଟମାଟୋ ମରାଯିବାକୁ ଚେତାବନୀ ଦେଇଛନ୍ତି। ଯଦି ସାଧାରଣ ଜନତା ହଇରାଣ ହୁଅନ୍ତି ତେବେ ଛାତ୍ର କଂଗ୍ରେସ ଏବଂ କଂଗ୍ରେସ ଦଳ କିପରି ବିରୋଧ ପ୍ରଦର୍ଶନ କରିପାରେ ତାହା ବିଦ୍ୟୁତ୍ ବିଭାଗ ଦେଖିବ ବୋଲି ସେ କହିଛନ୍ତି।

# ବିଦ୍ୟୁତ ସମସ୍ୟା ଗୁରୁତର: ନିଘୋଡ଼ ନିଦରେ ଟାଟା ପାୱାର



**ରଣପୁର, ୨୩।୫(ସମିସ):** ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ନୟାଗଡ଼ ଜିଲ୍ଲା ରାଜସୁନାଖଳା ବିଦ୍ୟୁତ ବିଭାଗ ଅଞ୍ଚଳରେ ଅଘୋଷିତ ଓ ତୁହାକୁ ତୁହା ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ରାଜ୍ୟ ସରକାର ବିଦ୍ୟୁତ ନ କାଟିବା ପାଇଁ କହିଥିବା ବେଳେ ବାରମ୍ବାର ବିଦ୍ୟୁତ୍‌କାଟକୁ ନେଇ ଲୋକେ ସରକାର ଉପରେ ଆସ୍ଥା ହରେଇଲେଣି। ଏହି ସମସ୍ୟା ଗ୍ରୀଷ୍ମର ପ୍ରକୋପକୁ ଦ୍ୱିଗୁଣିତ କରିଥିବା ବେଳେ ଉପଭୋକ୍ତାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ବିଲ୍ ଆଦାୟ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ସଦାସର୍ବଦା ବ୍ୟସ୍ତ ରହୁଥିବା ବେଳେ ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ଅନ୍ଧାର ରାତିରେ ଚୋରି ଡକାୟତି ଭୟ ସହ ରାସ୍ତାରେରେ ଯିବା ସମୟରେ ସାପ ଭୟ ରହିଛି। ଶିଶୁ, ବୃଦ୍ଧ ଓ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅବହେଳା ଏଭଳି ସ୍ତରକୁ ଯାଇଛି ଯେ କୌଣସି ଦାୟିତ୍ୱବାନ ଅଧିକାରୀ ଅଫିସରେ ଉପସ୍ଥିତ ରହୁନାହାନ୍ତି। ଏହି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ରାସ୍ତା ଅବରୋଧ କଲେ ଉପଭୋକ୍ତା**

ଅନ୍ୟପକ୍ଷରେ ବିଦ୍ୟୁତକାଟ ଜନିତ ଜନ-ଅସନ୍ତୋଷକୁ ନେଇ ନୟାଗଡ଼ ଜିଲ୍ଲା ରାଜସୁନାଖଳା ଅଞ୍ଚଳର ସୁର୍କାବାଡ଼ି, କାସନ୍ଦା ଓ ନରେନ୍ଦ୍ରପୁର ପଞ୍ଚାୟତର ଉପଭୋକ୍ତାମାନେ ଆଜି ଏକତ୍ରିତ ହୋଇ ବିଦ୍ୟୁତ କାର୍ଯ୍ୟାଳୟ ସାମ୍ନାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଭାଗର ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଖବର ପାଇ ରାଜସୁନାଖଳା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏଥିରେ ମଣ୍ଡଳ ସଭାପତି ଜୋତିରଞ୍ଜନ ସାହୁ, ବରଦାପ୍ରସନ୍ନ ସୁବୁଦ୍ଧି ସମେତ ତିନି ପଞ୍ଚାୟତର ଉପଭୋକ୍ତା ଉପସ୍ଥିତ ଥିଲେ।

# ନାଟକ 'ବିଚାରପଥ'ର ସମୀକ୍ଷା

ନୟାଗଡ଼, ୨୩।୫(ସମିସ): ନୟାଗଡ଼ ଦର୍ପଣ ପରିସରରେ 'ତୃତୀୟ ନୟନ'ର ଅଭିନୀତ ନାଟକ 'ବିଚାରପଥ'ର ସମୀକ୍ଷା ବୈଠକ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ବିଧାୟକ ଡ. ଅରୁଣ କୁମାର ସାହୁ ମଞ୍ଚ ନାଟକକୁ ଅଧିକ ଲୋକାଭିମୁଖୀ ତଥା ଆକର୍ଷଣୀୟ କରିବା ପାଇଁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ସମ୍ପାଦକ ବିଶ୍ୱନାଥ ମହାପାତ୍ର ନାଟକର ସଫଳତା ପାଇଁ କଳାକାରଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ନିୟମିତ ବୈଠକ କରି ନୟାଗଡ଼ ନାଟ୍ୟ ଆନ୍ଦୋଳନକୁ ସମୃଦ୍ଧ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ, ନିର୍ଦ୍ଦେଶକ ଗଦାଧର ନନ୍ଦ, ଡ. ଆଶୁତୋଷ ମିଶ୍ର, ନିରଞ୍ଜନ ନାୟକ, ମିଷ୍ଟର କାଳିଆ, ପ୍ରତାପ ସାହୁ, ନୀଳିମା ନନ୍ଦ, ଦେବେନ୍ଦ୍ର ପରମଗୁରୁ, ଗୋଦାବରୀ ବସନ୍ତିଆ, ଅନ୍ତର୍ଯ୍ୟାମୀ ମହାନ୍ତି, ବାସୁଦେବ ମିଶ୍ର, ହରିଶ ପ୍ରଧାନ, ଡ. ଗୀତାଞ୍ଜଳି ମହାପାତ୍ର, ସୁଦର୍ଶନ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଅଭିନେତ୍ରୀ ଶାବରୀ ପରମଗୁରୁ ଓ ପାୟଲ ପ୍ରଧାନଙ୍କୁ ଉଚ୍ଚକୋଟୀର ଅଭିନୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ନାଟକ ପାଇଁ ପରବର୍ତ୍ତୀ ବୈଠକରେ ଯୋଜନା ପ୍ରସ୍ତୁତ କରାଯିବ ବୋଲି ସଭାପତି ପଟ୍ଟନାୟକ ଜଣାଇଛନ୍ତି।



# ବିକାଶଠୁ ବହୁ ଦୂରରେ ଖଣ୍ଡପଡ଼ା ଗୋଳାପୋଖରୀ



**ଖଣ୍ଡପଡ଼ା, ୨୩।୫(ସମିସ)**

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇବାର ଦୀର୍ଘ ୩୪ରୁ ବର୍ଷରୁ ଅଧିକ ସମୟ ହେଲାଣି। ମାତ୍ର ଆଜି ବି ସହରାଞ୍ଚଳରେ ଅନେକ ଆଖିଦୃଶିଆ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ନ ଥିବା କିଛି ୱାର୍ଡ ବାସିନ୍ଦା ଅଭିଯୋଗ କରିଛନ୍ତି। ବିକାଶଠାରୁ ବହୁ ପଛରେ ରହି ଅବହେଳିତ ଅବସ୍ଥାରେ ପଡ଼ିରହିଛି ଖଣ୍ଡପଡ଼ା ସହରାଞ୍ଚଳ। ସହରାଞ୍ଚଳ ଅଧୀନ ୧୨ନଂ ୱାର୍ଡ ଗୋଳାପୋଖରୀ ଗ୍ରାମକୁ ଦେଖିଲେ ବିକାଶର ନଗ୍ନଚିତ୍ର ସମ୍ପୂର୍ଣ୍ଣ ରୂପେ ବାରି ହୋଇ ପଡୁଛି। ସେଠାକାର ଲୋକମାନେ ସହରାଞ୍ଚଳ ବାସିନ୍ଦା ହୋଇ ମଧ ଆଜି ବି ଜଙ୍ଗଲୀ ଜୀବନଯାପନ କରୁଛନ୍ତି। ସେଠିକାର ଲୋକମାନେ ଖଲିପତ୍ର, ଦାନ୍ତକାଠି, ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ବଜାରରେ ବିକ୍ରି କରି ନିଜ ପରିବାର ଚଳାଇଥାନ୍ତି। ଆଉ କିଛି ଯୁବଗୋଷ୍ଠୀ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କିଛି ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଥିବା କହିଛନ୍ତି ସେଠିକାର ବସ୍ତିବାସିନ୍ଦା। ବିଶେଷ କରି ଯାତାୟାତ ନିମନ୍ତେ ନିୟମିତ ପକା ରାସ୍ତା, ଶୁଦ୍ଧ ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ବେଳେ ବହୁବାର ନେତା ଓ ପ୍ରଶାସନଠାରୁ କେବଳ ମିଛ ପ୍ରତିଶ୍ରୁତି ମିଳୁଥିବା ଅଭିଯୋଗ ହୋଇଛି।

ମୁଖ୍ୟତଃ ଗମନାଗମନ ନିମନ୍ତେ ସ୍ଥାୟୀ ରାସ୍ତା ଲୋକମାନଙ୍କ ପାଇଁ ସାତସପନ ପାଲଟିଛି। କିଛି ହିତାଧିକାରୀଙ୍କୁ ଆବାସ ଗୃହ ମିଳିଥିବା ଆଉ କିଛି ଏହି ଯୋଜନାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଅନେକ ସମୟରେ ଏନଏସି କାର୍ଯ୍ୟାଳୟକୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ ପାଇଁ ଆସୁଥିବା ବେଳେ ବସ୍ତିବାସିନ୍ଦାଙ୍କୁ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସହଯୋଗ ମିଳୁ ନ ଥିବା ମଧ ଅଭିଯୋଗ ହେଉଛି। ରାଜ୍ୟ ସରକାର ସହରାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେଉଥିବାବେଳେ କିଛି କର୍ମଚାରୀଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁଁ ପ୍ରକୃତ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ରାସନ ସାମଗ୍ରୀ ଓ ଦୈନିକ ସଉଦା ପାଇଁ ପ୍ରତ୍ୟହ ପ୍ରାୟ ୫ କିଲୋମିଟର ଜଙ୍ଗଲ ରାସ୍ତା ଦେଇ ଯାତାୟାତ କରିଥାନ୍ତି ଗ୍ରାମବାସୀ। ଉକ୍ତ ରାସ୍ତାରେ ଏକ ନାଳ ଯାଇଥିବାରୁ ବର୍ଷାଦିନେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏକପ୍ରକାର ଜଳବନ୍ଦୀ ଜୀବନ ଯାପନ କରୁଥିବା ଅତ୍ୟନ୍ତ ଦୁଃଖରେ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା। ନିର୍ବାଚନ ସମୟରେ ବହୁ ରାଜନେତା ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଠକିଥିବା କହିଛନ୍ତି ୱାର୍ଡ ବାସିନ୍ଦା। ସେହିପରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଜଙ୍ଗଲ ରାସ୍ତା, ନଦୀନାଳ ଅତିକ୍ରମ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ସେମାନଙ୍କୁ ଅତି କଷ୍ଟକର ହେବା ସହ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଉଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଗୋଳାପୋଖରୀବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦିଗରେ ଜିଲ୍ଲା ପ୍ରଶାସନ, ଏନଏସି କର୍ତ୍ତୃପକ୍ଷ, ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ନେତା ଓ ପ୍ରଶାସନଠାରୁ ମିଳୁଛି ମିଛ ପ୍ରତିଶ୍ରୁତି
- ନିୟମିତ ରାସ୍ତା ନ ଥିବାରୁ ଲୋକେ ହନ୍ତସନ୍ତ

## କାଳବୈଶାଖୀ ପ୍ରଭାବରେ ଉପୁଡ଼ିଲା ବହୁ ଗଛ

**ନୂଆଗାଁ/ଦଶପଲ୍ଲା, ୨୩।୫(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବାହାଡ଼ାଝୋଲା ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ବାହାଡ଼ାଝୋଲା ଓ ଆଖପାଖ ହରିପୁର, ସିଙ୍ଗାରପଲ୍ଲୀ, ବେରୁଆବାରୀ କାପ୍ତାପଲ୍ଲୀ ଗୁମ୍ମୀ ପଞ୍ଚାୟତରେ କାଳବୈଶାଖୀ ତାଣ୍ଡବ ରଚିଛି। ପବନ ଓ ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ମହିପୁର-ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତାର ବଡ଼ପଦା ଓ ଦଳେଇଭାଗ, ବାହାଡ଼ାଝୋଲା ଛକ ନିକଟରେ ବଡ଼ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିବା ବେଳେ ଆମ୍ବଗଛ ପଡ଼ି ବଡ଼ପଦା ଗ୍ରାମର ସାଧବାଣୀ ନାଏକ ଗୁରୁତର ହୋଇଛନ୍ତି। ଓଡ଼ଗାଁ-ବାହାଡ଼ାଝୋଲା ରାସ୍ତା ହରିପୁର ଛକ ଓ ବାହାଡ଼ାଝୋଲା ନଙ୍ଗୁଳି ନାଳ ନିକଟରେ ଜାମୁ ଗଛ ପଡ଼ିଥିବା ବେଳେ ଅଞ୍ଚଳବାସୀ ସହଯୋଗରେ ଓଡ଼ଗାଁ ଅଗ୍ନିଶମ ବାହିନୀ ଗଛକାଟି ରାସ୍ତା ସଫା କରିଛନ୍ତି। ସେହିଭଳି ଦଶପଲ୍ଲାରେ ଅନେକ ଗଛ ଭାଙ୍ଗିଛି। ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଉପରେ ଗଛ ଉପୁଡ଼ି ଟ୍ରକ ଉପରେ ପଡ଼ିବାରୁ ଅନେକ ସମୟ ରାସ୍ତା ଅବରୋଧ ହୋଇଛି।

**ସୋଲାର ପ୍ରକଳ୍ପ ଆଳରେ ସରକାରୀ ଜମି ମାଡ଼ିବସିବା ଘଟଣା**

# ୮୦ ଏକର ଜବରଦଖଲ, କାର୍ଯ୍ୟାନୁଷ୍ଠାନ ଶୂନ

**ନୟାଗଡ଼/ଖଣ୍ଡପଡ଼ା, ୨୩।୫(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତରେ ସୋଲାର ପ୍ରକଳ୍ପ ଆଳରେ ଜମି ମାଡ଼ିବସିବା ଘଟଣାକୁ ଯେତେ ଲୁଚାଇଲେ ମଧ ଲୁଚୁନାହିଁ। ସରକାରୀ ଜମିରେ ପ୍ରକଳ୍ପ କରି ସରକାରଙ୍କ ସବସିଡି ଲୁଟିବା ପାଇଁ ଘରୋଇ ସଂସ୍ଥା ଉଦ୍ୟମ କରୁଥିବା ବେଳେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଦୀର୍ଘ ମାସେ ହେବ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ କାମ ଶେଷ ହୋଇଥିବା ବେଳେ ବିପୁଳ ପରିମାଣର ଜମି ଜବରଦଖଲ ହୋଇଥିବା ସ୍ପଷ୍ଟ ହୋଇଛି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗକୁ ବଡ଼ ଆନ୍ଦୋଳନ ଦାନା ବାନ୍ଧୁଛି।

ସିଂଘାପଡ଼ା ପଞ୍ଚାୟତ ହରିହରପ୍ରସାଦ ଗ୍ରାମରେ ଖାତା ନଂ-୧୭୪, ବରଗଣ୍ଡ ଓ ଦଉପୋଖରୀ ମୌଜାର ଖାତା ନଂ-୧୮୮ ଏବଂ ନୂଆଗାଁ ମୌଜାର ଖାତା ନଂ-୧୮୦ ଭଳି ଏକାଧିକ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲ କରିଥିବା ନେଇ ପଞ୍ଚାୟତ ବାସିନ୍ଦା ଅଭିଯୋଗ କରିଆସୁଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ଉକ୍ତ ଅଞ୍ଚଳରେ ଭୁବନେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ପଣ୍ଡା ଓ ଦେବଯାନୀ ପଣ୍ଡା ସୋଲାର ପ୍ରକଳ୍ପ ନିର୍ମାଣ ଆଳରେ ଏକର ଏକର ଜମି ମାଡ଼ି ବସିଥିବା ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ବାବଦରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ଜରିଆରେ ଜମି ମାପଚୁପ ପାଇଁ ନିର୍ଦ୍ଦେଶ ମଧ ଦିଆଯାଇଥିଲା। ସିଙ୍ଘାପଡ଼ା ରାଜସ୍ୱ ନିରୀକ୍ଷକଙ୍କ ସହ ଏକ ଟିମ୍ ଗତ ମାସେ ହେବ ମାପଚୁପ କରିଥିବା ବେଳେ ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତି ସୋଲାର ପ୍ରକଳ୍ପ ନିର୍ମାଣ ଆଳରେ ଏକାଧିକ ମୌଜାରେ ଏକର ଏକର ଜମି ଜବରଦଖଲ କରିଥିବା ସୂଚନା ମିଳିଛି। ରାଜସ୍ୱ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସିଙ୍ଘାପଡ଼ା ପଞ୍ଚାୟତରେ ପ୍ରାୟ ଶହେ ଏକରରୁ ଊର୍ଦ୍ଧ୍ୱ ଜମି ଅକ୍ତିଆର ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ରାଜସ୍ୱ ବିଭାଗ ଗତ ମାସେ ହେବ ମାପଚୁପ ପରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ସୋଲାର ନିର୍ମାଣ କରୁଥିବା ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ଏହି ପଞ୍ଚାୟତରେ ପ୍ରାୟ ୮୦ ଏକର ଜମି ଅକ୍ତିଆର କରିଥିବା ରାଜସ୍ୱ ବିଭାଗ ସ୍ପଷ୍ଟ କରିଛି। ଫଳରେ 'ସକାଳ'ର ଆକଳନ ସତ ହୋଇଛି। ଏପରିକି ଜମି ଅକ୍ତିଆର କରି ତାରବାଡ଼ ବୁଲାଇ ସୁରକ୍ଷା ପ୍ରାଚୀର ମଧ ତିଆରି କରିଛି ଘରୋଇ ସଂସ୍ଥା। ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ସରିଥିବା ବେଳେ ଖୁବଶୀଘ୍ର ଜମି ଜବରଦଖଲ ମୁକ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

